**SET – 01**

**Roll No.** | | | | | | |

Candidates must write the Set No on the title page of the answer book.

# SAHODAYA PRE BOARD EXAMINATION – 2023-24

- Please check that this question paper contains 6 printed pages.
- Set number given on the right hand side of the question paper should be written on the title page of the answer book by the candidate.
- Check that this question paper contains 14 questions.
- Please write down the Serial Number of the question in the left side of the margin before attempting it.
- 15 minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during the period. Students should not write anything in the question paper.

# CLASS – X

# ଓଡ଼ିଆ

# Odia

**ସମୟ: ୩ ଘଣ୍ଟା** **ପୂର୍ଣ୍ଣ ସଂଖ୍ୟା-୮୦**

**Time Allowed: 3 hours** **Maximum Marks : 80**

ସୂଚନା: ଏହି ପ୍ରଶ୍ନପତ୍ରରେ ଚାରୋଟି ବିଭାଗ ରହିଛି ।

(କ) Section-A – Reading - 10 Marks

(ଖ) Section-B-Writing - 12 Marks

(ଗ) Section-C-Grammar-10 Marks

(ଘ) Section – D- Literature- 48 Marks

# Section – A

1. **ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** 5x2=10

ଆତ୍ମନିର୍ଭର ହେବା ପକ୍ଷରେ ଆମ ଦେଶରେ ପ୍ରଧାନ ବାଧା ଆମ ଦେଶବାସୀଙ୍କର ଶାରୀରିକ ଶ୍ରମ ପ୍ରତି ଘୃଣା ଓ ଭୟ । ସ୍ୱାଧୀନ ଭାବରେ ପରିଶ୍ରମ କରି ଦି’ ପଇସା ପାଇବା ଅପେକ୍ଷା ଯଦି ବସି କରି ଦି ପଇସା ମିଳିବ, ତେବେ ଆମ ଲୋକ ପର ପାଖରେ ମୁଣ୍ଡ ନୋଇଁବାକୁ ପସନ୍ଦ କରନ୍ତି । ଜିଜ୍ଞାସିତ ହେଲେ ସେମାନେ ଉତ୍ତର ଦେବେ, “ଆମେ ପରା ଭଦ୍ରଲୋକ ଘର ପିଲା, ଆଉ କ’ଣ ଆମେ ମୂଲ ଲାଗି ଯିବୁ ?” ପର ଉପରେ ସବୁବେଳେ ନିର୍ଭର କରି ଆମର ଅନ୍ତର୍ନିହିତ ଶକ୍ତି ସମୂହ ବିକାଶ ପାଉ ନାହିଁ । ଆମ୍ଭମାନଙ୍କୁ ଏ ଅବସ୍ଥା ଘୁଞ୍ଚେଇବାକୁହେବ – ତାହା ନ ହେଲେ ଆମ ଜାତି କେବେ ହେଲେ ଉପରକୁ ଉଠିପାରିବ ନାହିଁ । ପରିବାରରେ କେବଳ ଶିଶୁ ଓ ଅକର୍ମଣ୍ୟ ବୃଦ୍ଧବୃଦ୍ଧାଙ୍କ ଛଡ଼ା ଅନ୍ୟ ସମସ୍ତଙ୍କୁ ଉପାର୍ଜନ କରିବାକୁ ହେବ । ବାପାଙ୍କର ଅର୍ଥର ପ୍ରାଚୁର୍ଯ୍ୟ ଥିଲେ ମଧ୍ୟ ପୁଅଝିଅଙ୍କର ମନେ କରିବା ଉଚିତ, ସେ ବାପାଙ୍କ ସମ୍ପତ୍ତି, ତାକୁ ଖର୍ଚ୍ଚ କରିବାର ଅଧିକାର ସେମାନଙ୍କର ନାହିଁ । ୟୁରୋପରେ କୋଟିପତିମାନଙ୍କ ପୁଅମାନେ ସେମାନଙ୍କ ବାପାଙ୍କ କାରଖାନାରେ ମୂଲିଆ ଭାବରେ କାମ କରନ୍ତି ଓ ମଜୁରୀ ପାଇ ସେଥିରେ ଚଳନ୍ତି । ମୂଲିଆରୁ କ୍ରମେ କ୍ରମେ ଉଠି ସେମାନେ ଉପରକୁ ଯାଆନ୍ତି । ଏହାଦ୍ୱାରା ସେମାନଙ୍କର ଚରିତ୍ର ଗଠିତ ହୁଏ । ଆମ ଦେଶରେ ଯେଉଁ ପରିବାରର ବ୍ୟବସ୍ଥା ସ୍ୱଚ୍ଛଳ ସେଠି ପୁଅମାନେ ଏହିଭାବ ଧରି କାର୍ଯ୍ୟ କରିବା ଉଚିତ । ନିଜ ରୋଜଗାର ଧନ ବାପାଙ୍କ ଅର୍ଜିତ ଧନରେ ମିଶେଇ ପାରିଲେ ଗୌରବର କଥା । କିନ୍ତୁ ଅକର୍ମା ହୋଇ ତାକୁ ଉଡ଼େଇ ଦେଲେ କି ପୌରୁଷ ?

i) ଆତ୍ମନିର୍ଭର ହେବା ପକ୍ଷରେ ଆମ ଦେଶର ପ୍ରଧାନ ବାଧକଟି କ’ଣ ?

ii) ପରିଶ୍ରମ ନ କରିବା ସମ୍ପର୍କରେ ଜିଜ୍ଞାସିତ ହେଲେ ଲୋକେ କି ଉତ୍ତର ଦିଅନ୍ତି ?

iii) ଆମର ଅନ୍ତର୍ନିହିତ ଶକ୍ତି ସମୂହ ବିକଶିତ ହୋଇ ପାରୁନାହିଁ କାହିଁକି ?

iv) ୟୁରୋପରେ ପିଲାମାନଙ୍କର ଚରିତ୍ର କିପରି ଗଠିତହୁଏ ?

v) ପିତାଙ୍କର ଅର୍ଥର ପ୍ରାଚୁର୍ଯ୍ୟଥିଲେ ମଧ୍ୟ ପୁଅଝିଅମାନେ ମନରେ କେଉଁ ଭାବ ପୋଷଣ କରିବା ଆବଶ୍ୟକ ?

# Section – B

2 **ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ ।** 6

i) ଚନ୍ଦ୍ରଯାନ ଅଭିଯାନ ଓ ଭାରତ

ii) ଛାତ୍ର ସମାଜ ଉପରେ ଗଣ ମାଧ୍ୟମର ପ୍ରଭାବ

iii) ନାରୀ ସଶକ୍ତିକରଣ

3. ‘ସାହିତ୍ୟ ପଠନ ମାଧ୍ୟମରେ ଚରିତ୍ର ଗଠନ’ ଶୀର୍ଷକ ତୁମ ଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ଲେଖ । 6

**କିମ୍ବା**

‘ବିଶ୍ୱଶାନ୍ତି’ ଶୀର୍ଷକ ତୁମ ଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ଲେଖ ।

(ବି.ଦ୍ର. - ପ୍ରକୃତ ନାମ ବା ଠିକଣା ବଦଳରେ ‘କ’ ବା ‘ଖ’ ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ)

## Section – C

4. **ଲକ୍ଷଣ, ଉଦାହରଣ ଓ ଯତିପାତ ସହ ଯେକୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ ।** 4

i) ରାମକେରୀ

ii) ଭାଗବତବାଣୀ

5. **ନିର୍ଦ୍ଦେଶ ଅନୁସାରେ ବାକ୍ୟ ଗୁଡ଼ିକୁ ପରିବର୍ତ୍ତନ କର । (ଯେ କୌଣସି 2ଟିର)** 2x1=2

i) ରୋହିତ ଯିବା ପରେ ବିରାଟ ପଳେଇବ ।(ଯୌଗିକ ବାକ୍ୟ କର)

ii) ଯଦି ଆନ୍ତରିକତାର ସହ ଭଗବାନଙ୍କୁ ଡାକିବ, ସେ ନିଶ୍ଚୟ ତୁମର ଡାକ ଶୁଣିବେ । (ସରଳ ବାକ୍ୟ କର)

iii) ଭାରତର ସୀମା ସୁରକ୍ଷା ଦାୟିତ୍ୱରେ ଥିବା ସୈନିକମାନଙ୍କର ମରଣକୁ ଭୟ ନଥାଏ ।(ଜଟିଳ ବାକ୍ୟ କର)

6. **ନିମ୍ନଲିଖିତ ରୂଢ଼ିଗୁଡିକୁ ବ୍ୟବହାର କରି ସାର୍ଥକ ବାକ୍ୟ ଗଠନ କର ।(ଯେକୌଣସି 2ଟିର)** 2x1=2

i) ଓଳିଆରୁ ଗଜା

ii) ଗୁଳୁରାଣ ମେଣ୍ଟାଇବା

iii) ଏଣ୍ଡୁଅ ପରି ମୁଣ୍ଡ ଟୁଙ୍ଗାରିବା

7. **ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦ ଲେଖ । (ଯେକୌଣସି 2ଟିର)** 2x1=2

i) ଅପରାହ୍ନ

ii) ଉତ୍ୟକ୍ତ

iii) କାଳନ୍ଦୀ

## Section – D

8. **ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିକର)** **5**

i) ଏହା ମଧ୍ୟ ତାଙ୍କର କୃତକର୍ମର ପରିଣାମ ।

i) ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ ।

9. **ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି ୩ଟିର)** **3x2=6**

ii) ରୋମୀୟ ଓ ଭାରତୀୟ ସଭ୍ୟତାର ଆଦର୍ଶ ମଧ୍ୟରେ ପାର୍ଥକ୍ୟ କ'ଣ ?

iii) ସୂର୍ଯ୍ୟାସ୍ତ ନିଲାମ ଆଇନ୍ ଦ୍ୱାରା ଓଡ଼ିଆ ଜନତା କିପରି କ୍ଷତିଗ୍ରସ୍ତ ହେଲେ ?

iv) ସମାଧିରେ ବୁଡ଼ି ନ ଯିବାପାଇଁ ଶ୍ରୀରାମକୃଷ୍ଣ ନରେନ୍‌ଙ୍କୁ କାହିଁକି କହିଥିଲେ ?

v) ଶିକ୍ଷିତମାନେ କାୟକ୍ଳେଶ ଓ ଆଭିଜାତ୍ୟ ମଧ୍ୟରୁ କେଉଁଟିକୁ ଅଧିକ ପସନ୍ଦ କରନ୍ତି ଓ କାହିଁକି ?

vi) କାନ୍ତକବିଙ୍କ ପିତାଙ୍କ ନାମ କ'ଣ ଓ ସେ କେଉଁ ବୃତ୍ତି ଅବଲମ୍ବନ କରିଥିଲେ ?

10. **ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ ।** **10x1=10**

i) କେଉଁଠାରେ ସଭା କରାଯାଇ ଲକ୍ଷ୍ମୀକାନ୍ତଙ୍କୁ କାନ୍ତକବି ରୂପେ ଅଭିହିତ କରାଯାଇଥିଲା ?

A) ପୁରୀ ହାଇସ୍କୁଲ B) କଟକ ହାଇସ୍କୁଲ

C) ଭଦ୍ରକ ହାଇସ୍କୁଲ D) ବାଲେଶ୍ୱର ହାଇସ୍କୁଲ

ii) ବିଜ୍ଞାନ କ'ଣ କମାଇ ଦେଇଛି ବୋଲି ଆଧୁନିକ ସଭ୍ୟତାର ବିପକ୍ଷବାଦୀମାନେ କହିଥାନ୍ତି ?

A)ଆତ୍ମବିଶ୍ୱାସ B) ଆତ୍ମବିଶ୍ଳେଷଣ

C) ସଂଯମ D) ଈଶ୍ୱରବିଶ୍ୱାସ

iii) କୃଷକଠାରୁ ଦୂରରେ ରହି ଯେଉଁ କୃଷି ହୁଏ ସେଥିରେ କ'ଣ ହୋଇପାରିବ ନାହିଁ ବୋଲି ପ୍ରବନ୍ଧରେ କୁହାଯାଇଛ ?

A) କୃଷିକାର୍ଯ୍ୟ B) ଋଷିଙ୍କ ସତ୍କାର

C) ଅଧିକ ଅମଳ D) ଋଷିଙ୍କ ଶ୍ରାଦ୍ଧ

iv) ବିବେକାନନ୍ଦ ପ୍ରଥମ ଶିଷ୍ୟ ଭାବେ କାହାକୁ ଗ୍ରହଣ କରିଥିଲେ ?

A) ସୁରେଶ ଚନ୍ଦ୍ର ମିତ୍ର B) ବାବୁରାମ

C) ଶରତଚନ୍ଦ୍ର ଗୁପ୍ତ D) ରାମକୃଷ୍ଣାନନ୍ଦ

v) ଶାସିତଙ୍କୁ ଶାସକଙ୍କଠାରୁ କିଏ ଦୂରେଇ ରଖିଛି ବୋଲି ଲେଖକ କହିଛନ୍ତି ?

A)ଇଂରେଜି ଭାଷା B) ଆଞ୍ଚଳିକ ଭାଷା

C) ବଙ୍ଗଳା ଭାଷା D) ସଂସ୍କୃତ ଭାଷା

vi) ଓଡ଼ିଆ ସାହିତ୍ୟର ପ୍ରଥମ ନାଟ୍ୟକାରଙ୍କ ନାମ କ'ଣ ?

A)ଜଗନ୍ମୋହନ ଲାଲ B) ଫକୀରମୋହନ ସେନାପତି

C) ରାଧାନାଥ ରାୟ D) ଉମେଶଚନ୍ଦ୍ର ସରକାର

vii) ଜୀବନ କାହାର ଏକ ଅବସ୍ଥା ବିଶେଷ ?

A) ଆଲୋକର B) ଉତ୍ତାପର

C) ଶକ୍ତିର D) ଜୀବନ୍ତର

viii) 'ଭୋକିଲା ପେଟରେ ଧର୍ମ ଅନାବଶ୍ୟକ' – ଏକଥା ବିବେକାନନ୍ଦ କାହାଠାରୁ ଶୁଣିଥିଲେ ?

A) ରାମକୃଷ୍ଣ ପରମହଂସ B) ବାଈଜୀ

C) କାର୍ଲମାର୍କସ୍ D) ପାଓହାରୀ ବାବା

ix) ନିଦାଘର ନିରାଟ ଝାଞ୍ଜିରେ ପଲ୍ଲୀବାସୀ କାହାକୁ ଚାହିଁ ରହନ୍ତି ?

A) ସୂର୍ଯ୍ୟଙ୍କୁ B) ନୂଆ ମେଘକୁ

C) ଶସ୍ୟକ୍ଷେତ D) ସବୁଜ ପ୍ରାନ୍ତର

x) ଲକ୍ଷ୍ମୀକାନ୍ତ ଭଦ୍ରକରେ ସ୍ଥାପନ କରିଥିବା ପ୍ରେସ୍‌ର ନାମ କ'ଣ ?

A) ଉତ୍କଳ ପ୍ରେସ୍ B) କଳିଙ୍ଗ ପ୍ରେସ୍

C) ଗୋପୀନାଥ ପ୍ରେସ୍ D) ଲକ୍ଷ୍ମୀକାନ୍ତ ପ୍ରେସ୍

11. **ଯେକୌଣସି ଗୋଟିକର ସରଳାର୍ଥ ଲେଖ-** 5

i) ବାଜିଥିଲେ ଚୂର୍ଣ୍ଣ ବା ପାତାଳେ ଭଜିଥିବ

ବିନ୍ଧ୍ୟ ଭାନୁ ତୋଷି ହେଲେ ବଞ୍ଚାଇ ଦଇବ ଯେ ।

ii) ଅମାପ ଧରିଯୁଁ ଦେଏ ଟିକେ ମତେ

ନିଦା ହେଉ ମୋର ଛାତି

ନିଜେ ଦୁଃଖ ସହି ଏ ଜଗତ ପାଇଁ

ଲାଗିପଡ଼େ ଦିନ ରାତି ।

12. **ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି ୩ଟିର)** 3x2=6

i) ତିମିରକାରା ଭାଙ୍ଗିଦେବା କଥା କବି କାହିଁକି କହିଛନ୍ତି ?

ii) ତମସା ନଦୀ ସୀତାଙ୍କୁ କିପରି ସ୍ୱାଗତ ଜଣାଇଥିଲା ?

iii) ଶିଖାର ଉଠିବା ପଡ଼ିବା ସହିତ କବି କାହାକୁ ତୁଳନା କରିଛନ୍ତି ?

iv) ଉତ୍କଳର ଆକାଶ କାହା କଳରବରେ ମୁଖରିତ ?

v) ପାଣ୍ଡବଙ୍କ ହେତୁ ତ୍ରିଲୋଚନ କିଭଳି ବର୍ତ୍ତିଥିଲେ ?

13. **ଉତ୍ତର ପର୍ଯ୍ୟାୟରୁ ସଠିକ ଉତ୍ତର ବାଛି ଲେଖ ।** 10x1=10

i) 'ରାଘବଙ୍କ ଲଙ୍କାଯାତ୍ରାନୁକୂଳ' କବିତାଟି କେଉଁ ଆଦ୍ୟ ବର୍ଣ୍ଣ ନିୟମରେ ରଚିତ ?

A) 'ସ' B) 'ବ'

C) 'ଚ' D) 'ଟ'

ii) କାହାର ଶଙ୍ଖଧ୍ୱନିରେ ଦୁଃଖଜ୍ୱାଳା ପ୍ରଶମିତ ହେବ ?

A) ଶୋଷିତଙ୍କର B) କବିଙ୍କର

C) ମହାମାନବର D) ତରୁଣଙ୍କର

iii) ବ୍ୟାସ ସରୋବରରେ ବ୍ୟାସଦେବ ଗୁପ୍ତରେ କେଉଁ କେଉଁ ଗ୍ରନ୍ଥ ରଚନା କରୁଥିଲେ ?

A) ମହାଭାରତ ଓ ରାମାୟଣ B) ମହାଭାରତ ଓ ବିଚିତ୍ର ରାମାୟଣ

C) ମହାଭାରତ ଓ ଚଣ୍ଡୀ ପୁରାଣ D) ମହାଭାରତ ଓ ଅଷ୍ଟାଦଶ ପୁରାଣ

iv) କବି ଚିଲିକାକୁ କାହାର ସୋଦର ବୋଲି କହିଛନ୍ତି ?

A) କ୍ଷୀର ସମୁଦ୍ର B) ଚନ୍ଦ୍ରଚୂଡ଼

C) ନୀଳ ସାଗର D) ଦିଗଙ୍ଗନା

v) କ'ଣ ଖୋଜିଦେବା ପାଇଁ କବି ମାଟିମାଆକୁ ନିବେଦନ କରିଛନ୍ତି ?

A) ଧନସଂପତ୍ତି B) ହଜିଲାଦିନ

C) ଚେତନାର ଚାବିକାଠି D) ଅତୀତ ସ୍ମୃତି

vi) ନିଶା ଆଗମନରେ ଅବନୀ କେଉଁ ରୂପ ଧାରଣ କରିଛି ?

A) ଗମ୍ଭୀର B) ନିଶ୍ଚଳ

C) କୋଳାହଳ ପୂର୍ଣ୍ଣ D) ନିସ୍ତବ୍ଧ

vii) ମୁନି ମୁଖ ନିଃସୃତ ବେଦ ଧ୍ୱନିକୁ କାହା ସହିତ ତୁଳନା କରାଯାଇଛି ?

A) ବିହଙ୍ଗ କାକଳୀ B) ସରସ୍ୱତୀଙ୍କ ବୀଣାଝଙ୍କାର

C) ଭ୍ରମରର ବୀଣାବାଦନ D) କୁମ୍ଭାଟୁଆର ସ୍ତବପାଠ

viii) ଭୀମ କେତେଥର ସିଂଘନାଦ ରଡ଼ି କରିପାରିବେ ବୋଲି ଆଶୀର୍ବାଦ ପାଇଥିଲେ ?

A) ଏକ B) ଦୁଇ

C) ତିନି D) ଚାରି

ix) 'ସୁନ୍ଦରଶାଳି' କହିଲେ କାହାକୁ ବୁଝାଏ ?

A) ସୁନ୍ଦର ଧାନ B) ସୁଶୋଭିତା ନାରୀ

C) ସମୁଦ୍ର ତଟଦେଶ D) ସ୍ୱଚ୍ଛ ଜଳଧାରା

x) କବି ଉଷାଙ୍କୁ କେଉଁ ରୂପରେ ବର୍ଣ୍ଣନା କରିଛନ୍ତି ?

A) ତପସ୍ୱିନୀ B) ପଦ୍ମିନୀ

C) ଯୋଗେଶ୍ୱରୀ D) ବୈଦେହୀ

14. **ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି 6ଟିର)** 6x1=6

i) ପ୍ରୀତି କାନିରେ କି ଜଳଖିଆ ଧରି ଆସିଥିଲେ ?

ii) 'କୋଣାର୍କ' ଏକାଙ୍କିକାରେ କେଉଁ ପ୍ରସଙ୍ଗ ନାଟ୍ୟାୟିତ ?

iii) କାଠୁରିଆର ଘର କେଉଁଠି ?

iv) ଅଙ୍ଗଦ କାହାର ଶିଳାଲେଖ ପଢ଼ିଛନ୍ତି ?

v) 'ମୋତେ ଯେତେ ମାଠିବୁ ମାଠ' କାହା ବିଷୟରେ କୁହାଯାଇଛି ?

vi) ମଗଧ ସୈନ୍ୟଙ୍କ ନିକଟରୁ କ'ଣ ସରି ଆସୁଥିଲା ?

vii) କେଉଁ ଗଣ୍ଡ ଉପରେ ମନ୍ଦିର ତୋଳା ହେବାକୁ ସ୍ଥିର କରାଗଲା ?

viii) ବରଗଛର ପ୍ରତୀକ କିଏ ?

●●●